# ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ, ନୟାଗଡ଼

## ବିଜ୍ଞାପନ

ସଂଖ୍ୟା ୨୦୯୧, ତା. ୨୮/୧୧/୨୩

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ନୟାଗଡଙ୍କ ତରଫରୁ ୦୬ ଗୋଟି ଖାଲିଥିବା ପରିଚାରକ (Attendant) (ଗ୍ରୁପ-D) ପଦବୀ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟରତ ଗୋମିତ୍ର ମାନଙ୍କ ମଧ୍ୟରୁ ପୂରଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତି ଗ୍ରହଣ କରିଛନ୍ତି । ତଦନୁଯାୟୀ, ଖାଲିଥିବା ଜିଲ୍ଲା ସ୍ତରୀୟ ଜାତିଗତ ସଂରକ୍ଷଣ ଭିତ୍ତିକ ପଦବୀ ପୂରଣ ପାଇଁ ତାଲିକା ନିମ୍ନରେ ପ୍ରଦାନ କରାଗଲା ।

| କ୍ର.ସଂ | ବର୍ଗ | ସିଧାସଳଖ ନିଯୁକ୍ତି | | |
|---|---|---|---|---|
| | | ପୁରୁଷ | ମହିଳା | ମୋଟ ପଦବୀ |
| ୧ | SC (ଅନୁସୂଚୀତ ଜାତି) | ୨ | ୧ | ୩ |
| ୨ | ST (ଅନୁସୂଚୀତ ଜନଜାତି) | ୨ | ୧ | ୩ |
| | ମୋଟ | ୪ | ୨ | ୬ |

(୧) ଯୋଗ୍ୟତା :

(କ) (i) ପ୍ରାର୍ଥୀ / ପ୍ରାର୍ଥିନୀ ଓଡିଶା ସରକାରଙ୍କ ସ୍ୱୀକୃତି ପ୍ରାପ୍ତ ଶିକ୍ଷା ଅନୁଷ୍ଠାନ / ବିଦ୍ୟାଳୟରୁ ମଧ୍ୟ ଇଂରାଜୀ ପରୀକ୍ଷା କିମ୍ବା ତତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ ।

(ii) ପ୍ରାର୍ଥୀ / ପ୍ରାର୍ଥିନୀଙ୍କର କ୍ରମାଗତ ଭାବେ ୩ (ତିନି) ବର୍ଷର କୃତ୍ରିମ ପ୍ରଜନନ (ଜାତୀୟ ଗୋ-ମହିଷାଦୀ ପ୍ରଜନନ କାର୍ଯ୍ୟକ୍ରମ) (NPCBB) କ୍ଷେତ୍ରରେ କାର୍ଯ୍ୟ କରିବାର ଅନୁଭୂତି ଥିବା ଆବଶ୍ୟକ ।

(ଖ) ପ୍ରାର୍ଥୀ/ ପ୍ରାର୍ଥିନୀ ଭାରତର ନାଗରିକ ଓ ନୟାଗଡ ଜିଲ୍ଲା ସ୍ଥାୟୀ ବାସିନ୍ଦା ହୋଇଥିବେ ।

(ଗ) ପ୍ରାର୍ଥୀ / ପ୍ରାର୍ଥିନୀ ଓଡିଆ କହିପାରୁଥିବେ, ପଢି ପାରୁଥିବେ ଓ ଲେଖି ପାରୁଥିବେ ।

(ଘ) ପ୍ରାର୍ଥୀ / ପ୍ରାର୍ଥିନୀଙ୍କର ନୈତିକ ଉତ୍ତମ ଚରିତ୍ରଥିବା ଆବଶ୍ୟକ ।

(ଙ) ପ୍ରାର୍ଥୀ / ପ୍ରାର୍ଥିନୀଙ୍କର ଏକାଧିକ ଜୀବିତ ସ୍ତ୍ରୀ / ସ୍ୱାମୀ ନ ଥିବେ ।

(ଚ) ପ୍ରାର୍ଥୀ / ପ୍ରାର୍ଥିନୀଙ୍କ ବୟସ ୧୮ ବର୍ଷରୁ କମ ଏବଂ ୫୫ ବର୍ଷରୁ ଉର୍ଦ୍ଧ୍ୱ (୦୧/୦୧/୨୦୨୩ ସୁଦ୍ଧା) ହୋଇନଥିବା ଆବଶ୍ୟକ ।

(ଛ) ଜଣେ ଯୋଗ୍ୟ ଗୋମିତ୍ର ଅନ୍ୟ ଜିଲ୍ଲାରେ ମଧ୍ୟ ନିୟୋଜିତ ହେବା ପାଇଁ ନିଜର ସହମତି / ସ୍ୱୀକୃତି ଦେଇପାରିବେ ।

୨ . ଶାରୀରିକ ଦକ୍ଷତା :

(କ) ପ୍ରାର୍ଥୀ / ପ୍ରାର୍ଥିନୀଙ୍କର ଉତ୍ତମ ମାନସିକ ଅବସ୍ଥା, ଉତ୍ତମ ଶାରୀରିକ ସ୍ୱାସ୍ଥ୍ୟ ଥିବା ଆବଶ୍ୟକ ଏବଂ ସୂଚାରୁ ରୂପେ କାର୍ଯ୍ୟ ନିର୍ବାହରେ ବ୍ୟାଘାତ ସୃଷ୍ଟି କରୁଥିବା କୌଣସି ଶାରୀରିକ ଅକ୍ଷମତା ନଥିବା ଆବଶ୍ୟକ । ସ୍ୱାସ୍ଥ୍ୟଗତ ଡାକ୍ତରୀ ପରୀକ୍ଷା ପରେ କୌଣସି ପ୍ରାର୍ଥୀ / ପ୍ରାର୍ଥିନୀ ଉପରୋକ୍ତ ସର୍ତ୍ତାବଳୀକୁ ସନ୍ତୋଷ ଜନକ ଭାବେ ପୂରଣ କରୁନଥିଲେ, ନିଯୁକ୍ତି ପ୍ରକ୍ରିୟାରୁ ବାଦ ପଡିବେ ।

(ଖ) ପ୍ରାର୍ଥୀ / ପ୍ରାର୍ଥିନୀଙ୍କର ଉତ୍ତମ ସ୍ୱାସ୍ଥ୍ୟ ସହିତ ଉଚ୍ଚତା ୫' (ପାଞ୍ଚ ଫୁଟ) ରୁ କମ୍ ହୋଇନଥିବ । ପୁରୁଷ ପ୍ରାର୍ଥୀଙ୍କ କ୍ଷେତ୍ରରେ ଅଣସଂପ୍ରସାରିତ ଛାତି ମାପ ୩୦" ( ତିରିଶ ଇଞ୍ଚ) ହୋଇଥିବା ଆବଶ୍ୟକ । ମହିଳା ପ୍ରାର୍ଥିନୀଙ୍କ କ୍ଷେତ୍ରରେ ଛାତି ମାପ ଆବଶ୍ୟକ ନୁହେଁ ।

(ଗ) ପ୍ରାର୍ଥୀ / ପ୍ରାର୍ଥିନୀ ଉତ୍ତମ ରୂପେ ସାଇକେଲ ଚଳାଇ ପାରୁଥିବେ ।

୩ . ଚୟନ ପ୍ରକ୍ରିୟା:

(କ) ଜିଲ୍ଲା ଚୟନ କମିଟି ଦ୍ୱାରା ନିମ୍ନଲିଖିତ ଉପାୟରେ ଆଟେଣ୍ଡାଣ୍ଟ ପଦ ପାଇଁ ସିଧାସଳଖ ଚୟନ କରାଯିବ ।

(i) NPCBB ଯୋଜନା ମାଧ୍ୟମରେ କୃତିମ ପ୍ରଜନନ ପ୍ରୟୋଗ କାର୍ଯ୍ୟ କ୍ଷେତ୍ରରେ କ୍ରମାଗତ ସର୍ବାଧିକ ସନ୍ତୋଷ ଜନକ କାର୍ଯ୍ୟ କୁଶଳତାର ଅନୁଭୂତି ଥିବା (experience) ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କୁ ଚୟନ କରାଯିବ ।

(ଖ) ଓଡିଶା ସରକାରଙ୍କ ସ୍ଥାନ ସଂରକ୍ଷଣ ନୀତିକୁ ଅନୁସରଣ କରାଯିବ ।

ନିର୍ଦ୍ଧାରିତ ଫର୍ମ ଅନୁଯାୟୀ ଆବେଦନ ପତ୍ର ଏବଂ ଆବଶ୍ୟକୀୟ ପ୍ରମାଣ ପତ୍ରର ଅବିକଳ ନକଲ (Attested True Copy) ସବୁ ମୁଦା ଲଫାପା ଭିତରେ ରଖି ସମ୍ପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ (Chief District Veterinary Officer) କାର୍ଯ୍ୟାଳୟ ରେ ଡାକ ମାଧ୍ୟମରେ ( Speed Post ବା Courier) କିମ୍ବା ବ୍ୟକ୍ତିଗତ ଭାବେ ଦାଖଲ କରିପାରିବେ । ଦରଖାସ୍ତ ପଠାଇବା ଲଫାପା ଉପରେ " **ଯୋଗ୍ୟ ଗୋମିତ୍ରଙ୍କ ଦ୍ୱାରା ପରିଚାରକ (Attendant) ପଦ ପାଇଁ ଦରଖାସ୍ତ**" ଉଲ୍ଲେଖ କରିବା ଆବଶ୍ୟକ ।

ପ୍ରକାଶ ଥାଉକି, ଯେକୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନ କୁ ବାତିଲ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କର ସଂରକ୍ଷିତ ରହିଅଛି ।

**ଆବେଦନ ପତ୍ର ସହ ଦାଖଲ କରିବାକୁ ଥିବା ପ୍ରମାଣ ପତ୍ର:-**

୧) ନିଜର ଦୁଇ ଗୋଟି ଆଟେଷ୍ଟେଡ଼ ହୋଇଥିବା ପାସପୋର୍ଟ ସାଇଜ ଫଟୋଗ୍ରାଫ । ତନ୍ମଧ୍ୟରୁ ଏକ ଗୋଟି ଫଟୋଗ୍ରାଫ ଦରଖାସ୍ତ ଫର୍ମ ଉପରେ ଦିଆଯାଇଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଅଠା ଦେଇ ସଂଲଗ୍ନ କରାଯିବା ଆବଶ୍ୟକ। ଅନ୍ୟଟି ଦରଖାସ୍ତ ସହିତ ସଂଯୋଗ କରିବାକୁ ହେବ ।

୨) ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ରର ଅବିକଳ ନକଲ ।

୩) ବୟସ ପ୍ରମାଣ ପତ୍ରର ଆଟେଷ୍ଟେଡ଼ କପି ।

୪) ସ୍ଥାନୀୟ ତହସିଲଦାରଙ୍କ ଠାରୁ ସ୍ଥାୟୀ ବାସିନ୍ଦାର ପ୍ରମାଣ ପତ୍ର ଆଟେଷ୍ଟେଡ଼ କପି ।

୫) ବୈଧ ପରିଚୟ ପତ୍ରର ଆଟେଷ୍ଟେଡ଼ କପି ।

୬) ଜାତିଗତ ପ୍ରମାଣ ପତ୍ର ( SC/ST) ।

୭) ଦୁଇଗୋଟି ଚରିତ୍ର ପ୍ରମାଣ ପତ୍ର ଭିନ୍ନ ଭିନ୍ନ ଗେଜେଟେଡ ଅଫିସରଙ୍କ ଠାରୁ ଯେକି ପ୍ରାର୍ଥୀ / ପ୍ରାର୍ଥିନୀଙ୍କ ସମ୍ପର୍କୀୟ ହୋଇନଥିବେ ।

୮) ନୟାଗଡ ଜିଲ୍ଲା ନିୟୋଜନ କାର୍ଯ୍ୟାଳୟରେ ନାମ ପଞ୍ଜୀକୃତ କରିଥିବାର ପ୍ରମାଣ ପତ୍ରର ଆଟେଷ୍ଟେଡ଼ କପି ।

୯) ଗୋମିତ୍ର ପ୍ରାର୍ଥୀ / ପ୍ରାର୍ଥିନୀ ସମ୍ପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଠାରୁ ହାସଲ କରିଥିବା କୃତିମ ପ୍ରଜନନ ପ୍ରୟୋଗ କାର୍ଯ୍ୟ କ୍ଷେତ୍ରରେ ତିନି ବର୍ଷ ଓ ତତୋଧିକ ସନ୍ତୋଷ ଜନକ କାର୍ଯ୍ୟ କୁଶଳତାର ଅନୁଭୂତି ପ୍ରମାଣ ପତ୍ରର ଆଟେଷ୍ଟେଡ଼ କପି । ସବୁ ଆଟେଷ୍ଟେଡ଼ କପିରେ ପ୍ରାର୍ଥୀ ବା ପ୍ରାର୍ଥିନୀ ନିଜେ ସ୍ୱାକ୍ଷର କରିବେ ।

**ଆବେଦନ ପତ୍ର ଦାଖଲ କରିବାର ଶେଷ ତାରିଖ:-୧୫.୧୨.୨୦୨୩**

ନିର୍ଦ୍ଧାରିତ ଶେଷ ତାରିଖର ଅପରାହ୍ନ ପାଞ୍ଚ ଘଟିକା ସମୟ ସୁଦ୍ଧା ଦରଖାସ୍ତ ସମ୍ପୃକ୍ତ କାର୍ଯ୍ୟାଳୟରେ ନ ପହଞ୍ଚିଲେ ତାହା ଗ୍ରହଣ କରାଯିବ ନାହିଁ । ପ୍ରାର୍ଥୀ / ପ୍ରାର୍ଥିନୀ ଡାକ ଦ୍ୱାରା ପଠାଇଥିବା ଦରଖାସ୍ତ ବିଳମ୍ବରେ ପହଞ୍ଚିଲେ କର୍ତ୍ତୃପକ୍ଷ ଦାୟୀ ରହିବେ ନହିଁ । ଅସମ୍ପୂର୍ଣ୍ଣ ଦରଖାସ୍ତ, ଆବଶ୍ୟକ ପ୍ରମାଣ ପତ୍ର (Attested Copy) ନଥାଇ ଦାଖଲ ହୋଇଥିବା ଦରଖାସ୍ତ ଗୁଡିକ ନାକଚ ହୋଇଯିବ । ଏହି ବିଜ୍ଞାପନଟି ନୟାଗଡ ଜିଲ୍ଲାର ୱେବସାଇଟ NIC Nayagarh ରେ ଉପଲବ୍ଧ । **(www.nayagarh.nic.in)**

ସ୍ୱା/- ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ,
ନୟାଗଡ଼

ସ୍ୱା/- ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ
ନୟାଗଡ଼

# ଦରଖାସ୍ତ ଫର୍ମ

( ଦରଖାସ୍ତ କେବଳ ଆବେଦନକାରୀଙ୍କ ଦ୍ୱାରା ପୂରଣ ହେବ )

୧) ପ୍ରାର୍ଥୀ / ପ୍ରାର୍ଥିନୀଙ୍କ ନାମ:

୨) ପିତା / ସ୍ୱାମୀ ଙ୍କ ନାମ:

ଫଟୋ ସଂଲଗ୍ନ କରାଯିବ

୩) ସ୍ଥାୟୀ ଠିକଣା:

ଗ୍ରାମ........... ପୋଷ୍ଟ............

ଭାୟା........... ଜିଲ୍ଲା................ ପିନ୍..........

୪) ଯୋଗାଯୋଗ ଠିକଣା:

ଗ୍ରାମ........... ପୋଷ୍ଟ............

ଭାୟା........... ଜିଲ୍ଲା................ ପିନ୍..........

ମୋବାଇଲ ନମ୍ବର...............

୫) ଜାତୀୟତା :

୬) ଜନ୍ମ ତାରିଖ:

୭) ଶିକ୍ଷାଗତ ଯୋଗ୍ୟତା :

୮) ଉଚ୍ଚତା : ଛାତି ଅଣସଂପ୍ରସାରିତ:

୯) ଜାତି ( SC/ST):

୧୦) ବିବାହିତ / ଅବିବାହିତ :

୧୧) ପୁରୁଷ / ସ୍ତ୍ରୀ :

ମୁଁ ଏତଦ୍ ଦ୍ୱାରା ଘୋଷଣା କରୁଅଛି ଯେ, ମୋ ଦ୍ୱାରା ଦିଆଯାଇଥିବା ଉପର ଲିଖିତ ସମସ୍ତ ତଥ୍ୟ ସତ୍ୟ ଓ ନିର୍ଭୁଲ ଅଟେ ।

ତାରିଖ : ଆବେଦନକାରୀଙ୍କ ସ୍ୱାକ୍ଷର